ଓଡ଼ିଶା ମିଲେଟ୍ସ ମିଶନ
ODISHA MILLETS MISSION

ଓଡ଼ିଶାର ଆଦିବାସୀ ଅଞ୍ଚଳରେ ପୁଷ୍ଟିଶସ୍ୟ କୁ ଜମି ଏବଂ ଖାଦ୍ୟ ଉଭୟ ରେ ପୁନଃପ୍ରଚଳନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ହେଉଛି ଓଡ଼ିଶା ମିଲେଟ୍ସ ମିଶନ । ଏହା ହେଉଛି କୃଷି ବିଭାଗ, ଓଡ଼ିଶା ସରକାରଙ୍କର ଏକ ନିଆରା କାର୍ଯ୍ୟକ୍ରମ ଯାହା ପୁଷ୍ଟିଶସ୍ୟର ବହୁଳ ଉତ୍ପାଦନ, ସ୍ଥାନୀୟ ବ୍ୟବହାର, ସର୍ବନିମ୍ନ ସହାୟକ ମୂଲ୍ୟରେ ପୁଷ୍ଟିଶସ୍ୟ କ୍ରୟ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ବଣ୍ଟନ ତଥା ରାଜ୍ୟ ପୋଷଣ କାର୍ଯ୍ୟକ୍ରମ ରେ ଅନ୍ତର୍ଭୁକ୍ତ କରାଇବା ଆଦି ଲକ୍ଷ ନେଇ ୨୦୧୭-୧୮ ଆର୍ଥିକ ବର୍ଷ ଠାରୁ କାର୍ଯ୍ୟରତ ।

କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ -

୧. ପୁଷ୍ଟିଶସ୍ୟର ଘରୋଇ ଉପଯୋଗକୁ ବେସ୍ ଲାଇନ୍ ଠାରୁ ୨୫ ପ୍ରତିଶତ ବୃଦ୍ଧି କରିବା ।

୨. ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପୁଷ୍ଟିଶସ୍ୟ ଖାଦ୍ୟର ଅଭ୍ୟାସ ରେ ସଂସ୍କାର ତଥା ପରିବର୍ତ୍ତନ ଆଣିବା ।

୩. ଦେଶୀ ବିହନକୁ ସଂରକ୍ଷଣ ଏବଂ ପୁନଃ ପ୍ରଚଳନ ରେ ଆଣିବା ପାଇଁ ଗୋଷ୍ଠୀ ଭିତ୍ତିକ ବିହନ ବ୍ୟବସ୍ଥା ର ପ୍ରଚାଳନ ।

୪. ପୁଷ୍ଟିଶସ୍ୟର ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକିୟାକରଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ।

୫. ପୁଷ୍ଟିଶସ୍ୟର ଫସଲ ପ୍ରଣାଳୀକୁ ଉନ୍ନତ କରିବା ସହ ଉତ୍ପାଦନ ବୃଦ୍ଧି କରିବା ।

୬. ଓଡ଼ିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ରେ ପୁଷ୍ଟିଶସ୍ୟ ମୂଲ୍ୟବର୍ଦ୍ଧିତ କରୁଥିବା ଉଦ୍ୟୋଗ ଗୁଡ଼ିକୁ ପ୍ରୋତ୍ସାହିତ କରିବା ।

୭. ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଏବଂ ଜନ କଲ୍ୟାଣ ଛାତ୍ରାବାସ ତଥା ଅନ୍ୟନ୍ୟ ପରିପୂରକ ପୁଷ୍ଟି ସାଧନ କାର୍ଯ୍ୟକ୍ରମ ଗୁଡିକରେ ପୁଷ୍ଟିଶସ୍ୟ କୁ ଅନ୍ତର୍ଭୁକ୍ତ କରିବା ।

୮. ପୁଷ୍ଟିଶସ୍ୟ ବଜାର ସୃଷ୍ଟି କରିବା ସହ ପୁଷ୍ଟିଶସ୍ୟ ଆଧାରିତ ଉତ୍ପାଦ ଗୁଡିକର ରପ୍ତାନି କୁ ପ୍ରୋତ୍ସାହନ କରିବା ।

ଓଡ଼ିଶା ମିଲେଟ୍ସ ମିଶନ ର ମୁଖ୍ୟ ଆକର୍ଷଣ-

- ସଂପ୍ରତି ଓଡିଶାର ୧୯ ଟି ଜିଲ୍ଲାର ୧୪୨ ଟି ବ୍ଲକରେ ଓଡିଶା ମିଲେଟ୍ସ ମିଶନ କାର୍ଯ୍ୟକାରୀ ହେଉଛି ।
- ୨୦୨୧-୨୨ ଖରିଫ ପର୍ଯ୍ୟନ୍ତ ୧୫ ଟି ଜିଲ୍ଲାର ୮୪ ଟି ବ୍ଲକ ରେ ୧୧୫୮୮୭ ଚାଷୀ ୫୪୫୦୫ ହେକ୍ଟର ପରିମିତ ଜମିରେ ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରି ସରକାରୀ ପ୍ରୋତ୍ସାହନ ପାଇଛନ୍ତି ।
- ଏହି ଯୋଜନାରେ ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରିବା ପାଇଁ ଚାଷୀ ମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ର ବ୍ୟବସ୍ଥା କରାଯାଇ ଅଛି ।
- ଚାଷୀ ମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ବ୍ୟାପକ ତାଲିମ୍ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି ।
- ଚାଷୀ ମାନଙ୍କୁ ଗୁଣାତ୍ମକ ବିହନ ଯୋଗାଇବା ପାଇଁ ଗୋଷ୍ଠୀ ପରିଚାଳିତ ବିହନ କେନ୍ଦ୍ର ପ୍ରତିଷ୍ଠା କରାଯାଉଅଛି ।
- କୃଷକମାନଙ୍କୁ କମ୍ ଖର୍ଚ୍ଚରେ ଚାଷ-ଉପକରଣ ଯୋଗାଇବା ପାଇଁ, କୃଷକ ଯନ୍ତ୍ରପାତି ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଉଅଛି ।
- ମାଣ୍ଡିଆ ଅମଳ ପରବର୍ତ୍ତୀ ପ୍ରକ୍ରିୟାକୁ ସରଳୀକରଣ କରିବା ନିମନ୍ତେ ବିଭିନ୍ନ କୃଷି ଯନ୍ତ୍ରପାତି ତଥା: ମାଣ୍ଡିଆ ଅମଳ ଯନ୍ତ୍ର, ମାଣ୍ଡିଆ ସଫା- ଗୋଡି ବଛା-ପୃଥକିକରଣ ଗ୍ରେଡର୍ ଏବଂ ମାଣ୍ଡିଆ ଚୂନା କରିବା ଯନ୍ତ୍ର ମଧ ସ୍ଥାପନ କରାଯାଉଛି ।
- ପୁଷ୍ଟିଶସ୍ୟର ଘରୋଇ ଉପଯୋଗକୁ ବୃଦ୍ଧି କରିବା ପାଇଁ ଏହି ପୁଷ୍ଟିଶସ୍ୟ ଆଧାରିତ ଟିଫିନ୍ ସେଣ୍ଟର, କୁଇକ୍ ସର୍ଭସ୍ ରେଷ୍ଟୁରାଣ୍ଟ, ବିକ୍ରୟ କେନ୍ଦ୍ର ଏବଂ ମିଲେଟ୍ ଅନ ହୁଇଲ୍ ପ୍ରକଳ୍ପ ଆଦି ପ୍ରତିଷ୍ଠା କରାଯାଉଅଛି ।
- ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ସେମାନଙ୍କର ଉତ୍ପାଦିତ ଶସ୍ୟକୁ କ୍ରୟ କରାଯାଉଅଛି ।
- ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାସନ କାର୍ଡ ହିତାଧିକାରୀଙ୍କୁ ପୁଷ୍ଟିଶସ୍ୟ ଯୋଗାଣ କରିବାର ବ୍ୟବସ୍ଥା କରାଯାଉଅଛି ।
- ବିଗତ ଖରିଫ ବଜାର ଋତୁରେ ୩,୨୩,୦୧୯ କୁଇଣ୍ଟାଲ ଉଚ୍ଚ ମାନର ମାଣ୍ଡିଆ ଚାଷୀ ମାନଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ୩,୩୭୭ ଟଙ୍କା କୁଇଣ୍ଟାଲ ପିଛା ଦରରେ କ୍ରୟ କରାଯାଇଛି ।
- ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ୧୪ ଟି ଜିଲ୍ଲା ରେ ୫୦୬୦୪୬୦ ରେସନ କାର୍ଡ ହିତାଧିକାରୀଙ୍କୁ ୯୨୨୧୯ କୁଇଣ୍ଟାଲ୍ ମାଣ୍ଡିଆ ବଣ୍ଟନ କରାଯାଇଛି ।
- ଓଡ଼ିଶା ସରକାର କୁଇଣ୍ଟାଲ ପ୍ରତି ୩୫୭୮ ଟଙ୍କା ଦରରେ ଚଳିତ ଖରିଫ ବଜାର ବର୍ଷ ୨୦୨୨-୨୩ ରେ ଚାଷୀଙ୍କ ଠାରୁ ୬ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।

କ୍ର.ନ.	ଉପାଦାନ	୨୦୧୭-୧୮	୨୦୧୮-୧୯	୨୦୧୯-୨୦	୨୦୨୦-୨୧	୨୦୨୧-୨୨	୨୦୨୨-୨୩
1	ଜିଲ୍ଲାର ସଂଖ୍ୟା	୭	୧୧	୧୪	୧୫	୧୫	୧୯
2	ବ୍ଲକର ସଂଖ୍ୟା	୩୦	୫୫	୭୨	୮୧	୮୪	୧୪୨
3	ଉନ୍ନତ ପ୍ରଣାଳୀ ରେ ଚାଷ (ହେକ୍ଟର)	୩୩୩୩.୫	୧୨୭୫୮.୨	୨୧୫୫୨.୬	୪୭୩୩୯.୧୪	୫୪୫୦୫	୮୧୭୦୦ (ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି)
4	ଉନ୍ନତ ପ୍ରଣାଳୀ ଆପାଣାଇଥିବା ଚାଷୀ ସଂଖ୍ୟା	୮୦୩୦	୨୯୦୫୬	୫୧୦୪୫	୧୦୮୭୩୧	୧୧୮୫୬୧	୧୫୦୦୦୦ (ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି)
5	ମାଣ୍ଡିଆ କ୍ରୟ (କୁଇଣ୍ଟାଲ)	୦	୧୭୯୮୬	୯୪୭୪୫	୨୦୩୮୪୩	୩୨୩୦୧୯	୬୦୦୦୦୦ (ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି)

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

www.milletsodisha.com